### ଅଗ୍ନିପୀଡ଼ିତଙ୍କୁ ସହାୟତା

**ମାଧପୁର:** ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ ଶଙ୍ଖାମାଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ବିଶ୍ୱାମିତ୍ର ବେହେରାଙ୍କ ଗୋଟିଏ ବଖରା ଘର ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ଆଞ୍ଚଳିକ ସେବା ସଂସଦର କର୍ମକର୍ତ୍ତା ସାହାଯ୍ୟର ହାତ ବଢ଼େଇଥିଲେ। କ୍ଷତିଗ୍ରସ୍ତ ପରିବାରକୁ କିଛି ଶୁଖିଲା ଖାଦ୍ୟ, ବସ୍ତ୍ର ଓ ଆର୍ଥିକ ସହାୟତା ଦେଇଥିଲେ। ସଂସଦର ସମ୍ପାଦକ ସୁମନ୍ତ ପ୍ରଧାନ, ସଭାପତି ସୁମନ୍ତ ସାହୁ, ସମ୍ବିତ କୁମାର ପ୍ରଧାନ, ନୀଳାଞ୍ଚଳ ପ୍ରଧାନ, ପ୍ରତାପ କର୍ଣ୍ଣ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଧ୍ୟକ୍ଷ ପ୍ରାର୍ଥୀଙ୍କୁ ଆକ୍ରମଣ ଅଭିଯୋଗ

**ଅନୁଗୋଳ ଅଫିସ,୨୩।୩:** ଅନୁଗୋଳ ପୌର ପରିଷଦର ଅଧ୍ୟକ୍ଷ ପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ତଥା ଓକିଲ ଅନିରୁଦ୍ଧ ଦାସଙ୍କୁ ବୁଧବାର ମାଡ଼ ମରାଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। କାଉନସିଲର ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ପ୍ରାର୍ଥୀ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ସ୍ୱାଧୀନ ପ୍ରାର୍ଥୀ ଅନିରୁଦ୍ଧ ଦର୍ଶାଇଛନ୍ତି, ସେ କୋର୍ଟରୁ କାର୍ଯ୍ୟ ସାରି ଫେରୁଥିବା ବେଳେ ୧ନଂ. ୱାର୍ଡରେ ବିଜେଡି କାଉନସିଲର ପ୍ରାର୍ଥୀ ସୁକାନ୍ତି ଦାସ ଓ ସମର୍ଥକମାନେ ଏକ ସ୍ଥାନରେ ଏକାଠି ହୋଇଥିଲେ। ପ୍ରଚାର ସମୟ ସୀମା ଶେଷ ହୋଇଯାଇଥିବାରୁ ଏପରି ଗହଳିକୁ ସେ ବିରୋଧ କରିଥିଲେ। ଏପରି କି ଫଟୋ ଓ ଭିଡିଓ କରିଥିଲେ। ଏହାର ପ୍ରତିବାଦ କରି ପ୍ରାର୍ଥୀ ସୁକାନ୍ତି ତାଙ୍କୁ ଆକ୍ରମଣ କରିଥିଲେ। ମୋବାଇଲରୁ ଫଟୋ ଓ ଭିଡିଓ ଡିଲିଟ୍ କରିବାକୁ ବାଧ କରିଥିଲେ। ତାହା ନ କରିବାରୁ ମାଡ଼ ମରାଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏ ନେଇ ସୁକାନ୍ତି ଦାସଙ୍କ ମତାମତ ମିଳିପାରି ନ ଥିବାବେଳେ ପୋଲିସ ତଦନ୍ତ ଆରମ୍ଭ ହୋଇଥିବା କହିଛି।

### ସୁସ୍ଥ ହେଲେ ୪ ଆକ୍ରାନ୍ତ

**ଅନୁଗୋଳ ଅଫିସ,୨୩।୩:** ଅନୁଗୋଳ ଜିଲାରେ ବୁଧବାର କୌଣସି କରୋନା ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ପୂର୍ବରୁ ଆକ୍ରାନ୍ତ ହୋଇଥିବା ପଜିଟିଭମାନଙ୍କୁ ନିଜ ଘରେ ଆଇସୋଲେଶନରେ ରଖାଯାଇ ନିରୀକ୍ଷଣ କରାଯାଉଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୧୮ ପ୍ରାଣ ହରାଇଲେଣି। ସେହିପରି ଜିଲାରୁ ୪ଜଣ ସୁସ୍ଥ ହୋଇଛନ୍ତି। ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୮୫୫୩ରେ ସୀମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଅଟୋ ଧକ୍କା, ଜଣେ ଗୁରୁତର

**କାମାକ୍ଷାନଗର,୨୩।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ବାଟଗାଁ ସ୍ଥିତ ଗୋଡ଼ିସାହି ଗ୍ରାମର ଚିନ୍ମୟ ବରାଳ ବୁଧବାର ଅଟୋ ଧକ୍କାରେ ଗୁରୁତର ହୋଇଛନ୍ତି। ଦ୍ୱିପ୍ରହର ସମୟରେ ଚିନ୍ମୟ ନିଜ ଦୋକାନରୁ ଘରକୁ ଖାଇବାକୁ ଯିବା ବେଳେ ଏକ ଅଟୋ ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ‘ଭିତ୍ତିଭୂମି, ଉପକରଣର ସଫଳ ବ୍ୟବହାର କର’

**ଢେଙ୍କାନାଳ ଅଫିସ,୨୩।୩**

ଢେଙ୍କାନାଳ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ଶ୍ରେଣୀ ଗୃହରେ ବୁଧବାର ଜିଲାସ୍ତରୀୟ ଏକଦିବସୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ରାଜ୍ୟସ୍ତରୀୟ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଆଧୁନିକ ଭିତ୍ତିଭୂମୀ ଓ ଶିକ୍ଷା ଉପକରଣଗୁଡିକର ସଫଳ ବ୍ୟବହାର ମାଧ୍ୟମରେ ଆଜିର ଆବଶ୍ୟକତା ଓ ଉନ୍ନତ ଶିକ୍ଷା ବ୍ୟବସ୍ଥା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନର ନୂତନ ସମ୍ଭାବନା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ରାଜ୍ୟସ୍ତରୀୟ ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଙ୍ଗଠନର ପ୍ରକଳ୍ପ ପରିଚାଳନା କାର୍ଯ୍ୟକ୍ରମ ଅଧିକାରୀ ଶୁଭା ପାଲିତ, ଆଞ୍ଚଳିକ ପ୍ରକଳ୍ପ କାର୍ଯ୍ୟକ୍ରମ ସଞ୍ଚାଳନ ଅଧିକାର ମୈତ୍ରୀ ବାବୁ, ପତଙ୍ଗ ଅନୁଷ୍ଠାନର ପ୍ରଶିକ୍ଷିକା ରାମେଶ୍ୱର ଗୁରୁ ପ୍ରମୁଖ ଟ୍ରେନର ଭାବେ ଯୋଗଦେଇଥିଲେ। ଶିକ୍ଷକମାନେ କିଭଳି ଉନ୍ନତ ଯାନ୍ତ୍ରିକ ଜ୍ଞାନକୌଶଳ ଓ ପାରମ୍ପରିକ ଶିକ୍ଷା କୌଶଳ ଉଭୟକୁ ଆବଶ୍ୟକତା ଅନୁସାରେ ବ୍ୟବହାର କରି ଏକ ଆଧୁନିକ କୌଶଳରେ ପିଲାମାନଙ୍କୁ ସଫଳ ଶିକ୍ଷାଦାନ କରିପାରିବେ ତାହା ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟସ୍ତରୀୟ ସର୍ବୋତ୍ତମ ୧୦୦ଟି ସେଣ୍ଟର ଅଫ୍ ଏକ୍ସଲେନ୍ସ ବିଦ୍ୟାଳୟ ମଧ୍ୟରୁ ଜିଲାର ସର୍ବୋତ୍ତମ ୩ଟି ବିଦ୍ୟାଳୟ ଯଥା ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟରୁ ଡ. ଦେବୀ ପ୍ରସାଦ ମିଶ୍ର, ସ୍ୱାଗତିକା ରଥ, ଅନୁପମ ପଣ୍ଡା, ଦୀପ୍ତିଶ କୁମାର ଶତପଥୀ, କଲ୍ୟାଣୀ ବଡଜେନା, କିରଣମୟୀ ମହାଳିକ, ସ୍ମିତିସୁଦ୍ଧା ଜେନା, ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଦୀନବନ୍ଧୁ ପୃଷ୍ଟି, ମହାମୟା ସାହୁ, ଆଶୁତୋଷ ଜେନା, ଦୀପ୍ତିରଞ୍ଜନ ସାହୁ ଓ ବିବେକାନନ୍ଦ ତରାଇ, ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ କାମାକ୍ଷାନଗରରୁ ଦୁର୍ଯ୍ୟୋଧନ ସାହୁ, ନିଶା ପ୍ରିୟଦର୍ଶିନୀ ଦାସ, ମଧୁସ୍ମିତା ନନ୍ଦ, ଭାଗ୍ୟଶ୍ରୀ ସାହୁ ଓ ଲିପିନା ମହାରଣା ପ୍ରମୁଖ କଳା, ସାହିତ୍ୟ, ଇଂରାଜୀ, ଇତିହାସ ଓ ନଗର ବିଜ୍ଞାନ, ଭୂଗୋଳ ଓ ଅର୍ଥନୀତି, ଗଣିତ, ଭୌତିକ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଷୟରେ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ଡ. ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ଟ୍ରକ୍ ମାଲିକ ସଂଘ ପକ୍ଷରୁ ପାଣି ସିଞ୍ଚନ

**ବଣ୍ଟଁରପାଳ,୨୩।୩(ଡି.ଏନ.ଏ.)**

ନାଲ୍‌କୋ କୁଲାଡ଼ ଟ୍ରକ୍ ମାଲିକ ସଂଘ ପକ୍ଷରୁ ମଙ୍ଗଳବାର ୫୫ନଂ. ଜାତୀୟ ରାଜପଥର କୁଲାଡ଼ ଛକରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ପାଣି ସିଞ୍ଚନ କରାଯାଇଛି। ଗତ ସୋମବାରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାସ୍ତାସାରା ଖାଲଖମା ସହ କୋଇଲା ଧୂଳିଧୂଆଁରେ ବୋଝେଇ ହୋଇଥିଲା। ଲୋକେ ଯାତାୟାତବେଳେ କିପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ସଂଘ ପକ୍ଷରୁ ଏପରି ଉଦ୍ୟମ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ମନୋରଞ୍ଜନ ଜେନା, ଉପସଭାପତି ତପନ ସାମନ୍ତ ସିଂ, ସମ୍ପାଦକ ବାବୁଲି ସ୍ୱାଇଁ, ସହସମ୍ପାଦକ ରାକେଶ ଦେହୁରୀ ଏବଂ କୋଷାଧ୍ୟକ୍ଷ ମୁକେଶ ଜେନାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



ସଂଘ ପକ୍ଷରୁ ରାସ୍ତାରେ ପାଣି ସିଞ୍ଚନ କରାଯାଉଛି।

## ଜଗନ୍ନାଥ ମନ୍ଦିର ପାଇଁ ଦାରୁ ଛେଦନ

**ଭୁବନ,୨୩।୩(ଡି.ଏନ.ଏ)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାଲିବୋଠାରେ ନିର୍ମାଣ ହେଉଥିବା ଜଗନ୍ନାଥ ମନ୍ଦିରର ବିଗ୍ରହ ପାଇଁ ଦାରୁ ଛେଦନ କରାଯାଇଛି। ଏହି ଅବସରରେ ବ୍ଲକର ଗଡଗହମପୁର ଗ୍ରାମର ସୁଶାନ୍ତ କୁମାର ବର୍ଦ୍ଧନଙ୍କ ବାଡିରୁ ଏହି ଦାରୁ ଛେଦନ କରାଯାଇଥିଲା। ଏହା ପୂର୍ବରୁ ଭୁବନ ଜଗନ୍ନାଥ ମନ୍ଦିର ପୂଜକ ତୁଷାରକାନ୍ତି ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ନିଆଯାଇଥିଲା। ଦାରୁ ଛେଦନ ସମୟରେ ପୂଜକ ଭବାନୀ ଶଙ୍କର ମିଶ୍ର, ଆନନ୍ଦ ଚନ୍ଦ୍ର ମିଶ୍ର, ଧର୍ମାନନ୍ଦ ମିଶ୍ର ମନ୍ଦିରକୁ ପୂଜାର୍ଚ୍ଚନା କରିବା ପରେ ଦାର ବାଲିବୋ ଜଗନ୍ନାଥ ମନ୍ଦିର ନିକଟକୁ ନିଆଯାଇଥିଲା। ଏହି ଅବସରରେ ଭୁବନ ବ୍ଲକର ବିଭିନ୍ନ ଗ୍ରାମରୁ ମହିଳା ଓ ପୁରୁଷ ସଂକୀର୍ତ୍ତନମଣ୍ଡଳୀ ସାମିଲ ହୋଇଥିଲେ। କର୍ତ୍ତା ଭାବେ ମଳୟ ତ୍ରିପାଠୀ ଓ ସସ୍ମିତା ମିଶ୍ର ଦାୟିତ୍ୱ ତୁଲାଇଥିବା ବେଳେ ମନ୍ଦିର ପରିଚାଳନା କମିଟିର ବରିଷ୍ଠ କର୍ମକର୍ତ୍ତା ଗଣେଶ୍ୱର ସ୍ୱାଇଁ, ଅକ୍ଷୟ ଓଝା, ଶିଶିର ଦାସ, ପ୍ରଫୁଲ୍ଲ ରାଉତ, ପ୍ରକାଶ ବରାଳ, କେଶରୀ ବାରିକ ଉପସ୍ଥିତ ରହି ପରିଚାଳନା କରିଥିଲେ।


ଜଗନ୍ନାଥ ମନ୍ଦିରର ନୂତନ ବିଗ୍ରହ ପାଇଁ ଦାରୁ ଛେଦନ ପୂର୍ବରୁ ଆଜ୍ଞାମାଳ ନିଆଯାଉଛି।

## ଦୁର୍ଘଟଣାରେ ଜଣେ ମୃତ

**କାମାକ୍ଷାନଗର,୨୩।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବଟଗାଁ ନିକଟରେ ବୁଧବାର ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରାମଚନ୍ଦ୍ର ପ୍ରଧାନ (୪୮)। ତାଙ୍କ ଘର ରୋଡଙ୍ଗ ଗ୍ରାମରେ ବୋଲି ଜଣାପଡ଼ିଛି। ରାମଚନ୍ଦ୍ର କୌଣସି କାମରେ ବଟଗାଁ ଆସିଥିଲେ। କାମସାରି ମୋଟର ସାଇକେଲରେ ନିଜ ଗ୍ରାମ ଅଭିମୁଖେ ଫେରୁଥିବା ସମୟରେ ବଟଗାଁଠାରୁ କିଛିଦୂରରେ ଭାରସାମ୍ୟ ହରାଇ ରାସ୍ତାରେ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପାଣି ଆଣିବାକୁ ଅଧ କି.ମି.


ପାଣି ସମସ୍ୟାର ସମ୍ମୁଖୀନ ହେଉଥିବା ବୈଷ୍ଣବସାହିବାସୀ।

- ସମସ୍ୟାରେ ନୁନୁକାପଶି ପଞ୍ଚାୟତର ୨୦ ପରିବାର
- ସାହିରେ ନାହିଁ ନଳକୂଅ, ପାଇପ୍ ପାଣି ସୁବିଧା
- ଦୂରରେ ଥିବା ଖୋଲା କୂଅ ହିଁ ଏକମାତ୍ର ଭରସା

**ବଇଣ୍ଡା,୨୩।୩(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ରହିଛି। ହେଲେ ପଞ୍ଚାୟତର ସମସ୍ତ ସାହିକୁ ପାଇପ୍ ପାଣି ମିଳୁନି। ଏପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ବୈଷ୍ଣବସାହିବାସୀ। ସାହିରେ ନଳକୂଅ କିମ୍ବା କୂଅଟିଏ ନ ଥିବାରୁ ଲୋକେ ପିଇବା ପାଣି ପାଇଁ ଦୈନିକ ଅଧ କିଲୋମିଟର ଦୂର ଏକ ଖୋଲା କୂଅ ଉପରେ ନିର୍ଭର କରୁଛନ୍ତି। ଦୀର୍ଘବର୍ଷ ହେଲା ଏହି ସମସ୍ୟାର ସମାଧାନ ହେଉ ନ ଥିବାରୁ ସାହିରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ସାହିବାସୀଙ୍କ କହିବା ଅନୁଯାୟୀ, ଏଠାରେ ୨୦ ପରିବାର ବସବାସ କରୁଥିବାବେଳେ ପାନୀୟ ଜଳର କୌଣସି ବ୍ୟବସ୍ଥା ନାହିଁ। କୂଅ କିମ୍ବା ନଳକୂଅ ସ୍ଥାପନ ହୋଇ ନ ଥିବାରୁ ଅଧ କିଲୋମିଟର ଦୂରରେ ଥିବା ଏକ ଖୋଲାକୂଅରୁ ବର୍ଷ ତମାମ ପାଣି ଆଣିବାକୁ ପଡୁଛି। ପ୍ରତିବର୍ଷ ଖରା ଦିନେ ଏହି ସମସ୍ୟା ଅଧିକ ଉତ୍କଟ ହେଉଛି। ଉକ୍ତ ଖୋଲା କୂଅ ଶୁଖିଯାଉଥିବାରୁ ପାଣି ସଂଗ୍ରହ ଅଧିକ କଷ୍ଟକର ହୋଇପଡୁଛି। ସାହିରେ ଏକ ନଳକୂଅ ଖୋଳିବା ପାଇଁ ୨୦୧୯ ମେ ୧୫ ଓ ୨୦୨୦ ମାର୍ଚ୍ଚ ୨୦ରେ ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ତୁରନ୍ତ ଉକ୍ତ ସାହିରେ ଏକ ନଳକୂଅ ସ୍ଥାପନ ସହ ପାଇପ୍ ମାଧ୍ୟମରେ ପାଣି ଯୋଗାଇ ଦେବାକୁ ଗୌତମ ପ୍ରଧାନ, ଅନାଦି ପ୍ରଧାନ, ଗୋଲେଖ ପ୍ରଧାନ, ବୁଲା ପ୍ରଧାନ, ପ୍ରଭାକର ପ୍ରଧାନ, ପ୍ରମୋଦା ପ୍ରଧାନ, ସୁବର୍ଣ୍ଣ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ କହିଛନ୍ତି, ସାହିବାସୀଙ୍କ ସମସ୍ୟା ସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ କରାଯିବ।

## ନାମଯଜ୍ଞରେ କଣିହାଁ ପ୍ରକମ୍ପିତ

**କଣିହାଁ,୨୩।୩(ଡି.ଏନ.ଏ.)**

କଣିହାଁ ଗ୍ରାମରେ ସୀତାରାମ କ୍ଲବ ତରଫରୁ ସୋମବାର ଅଖଣ୍ଡ ନାମଯଜ୍ଞ ଓ ବାଲ୍ୟଲୀଳା ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଯଜ୍ଞମଣ୍ଡପକୁ କଳସ ଶୋଭାଯାତ୍ରାରେ ଟିକିରା ନଦୀରୁ ପାଣି ଅଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ମହିଳା ପୁରୁଷଙ୍କ ସହିତ ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ମଙ୍ଗଳବାର ପ୍ରଭାତରେ ବାଲ୍ୟଲୀଳାକୁ ନେଇ ଅହୋରାତ୍ର ନାମ ସଂକୀର୍ତ୍ତନ, ପ୍ରସାଦସେବନ କାର୍ଯ୍ୟକ୍ରମ ହୋଇଥିବା କାର୍ଯ୍ୟକର୍ତ୍ତା ମହେଶ୍ୱର, ବଳଭଦ୍ର ବାବୁ ପ୍ରମୁଖ କହିଛନ୍ତି। ସରପଞ୍ଚ ରଞ୍ଜିତା ବେହେରା, ନାଏବ ସରପଞ୍ଚ ସୁଫଳା ପ୍ରଧାନ, ଗ୍ରାମ ସଭାପତି, ପୂର୍ବତନ ସଭାପତିଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।


କଳସ ଯାତ୍ରାରେ ଅଂଶଗ୍ରହଣ କରିଥିବା ଶ୍ରଦ୍ଧାଳୁମାନେ।

# ସୋଲାର ପ୍ରକଳ୍ପ ଉଦ୍‌ଘାଟିତ

**କଣିହାଁ,୨୩।୩(ଡି.ଏନ.ଏ.)**

କଣିହାଁ ଏନ୍‌ଟିପିସିରେ ମଙ୍ଗଳବାର ୫୦୦ କିଲୋୱାଟ୍ ସୋଲାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀର ବିଭିନ୍ନ କୋଠା ଛାତ ଉପରେ ଏହି ୫୦୦ କିଲୋୱାଟ ସୋଲାର ପ୍ରକଳ୍ପ ସ୍ଥାପନ ହୋଇଛି। ୫୦୦୦ ବର୍ଗ ମିଟର ଛାତ ଉପରେ ପ୍ରାୟ ୧୫୭୦ ସୋଲାର ପ୍ୟାନେଲ ଲଗାଯାଇଛି। ଏହା ବାର୍ଷିକ ୭.୬୬ ଲକ୍ଷ ୟୁନିଟ ବିଦ୍ୟୁତ୍ ଉତ୍ପାଦନ କରିବ। ନବୀକରଣ ଯୋଗ୍ୟ ଶକ୍ତିର ମହତ୍ତ୍ୱ ଏବଂ ସୋଲାର ଶକ୍ତି ଭଳି ନବୀକରଣ ଯୋଗ୍ୟ ଶକ୍ତି ମଡେଲକୁ ଗ୍ରହଣ କରିବା ପାଇଁ ଏନ୍‌ଟିପିସିର ସଂକଳ୍ପ ଉପରେ ରାଓ ମତପ୍ରକାଶ କରିଥିଲେ। ସେହିପରି ରାଜୀବ ଅଗ୍ରୱାଲଙ୍କ ନେତୃତ୍ୱରେ ସୋଲାର ଛାତ ପ୍ରକଳ୍ପର ଦାୟିତ୍ୱ ଗ୍ରହଣ କରିଥିବା ଟିମକୁ ରାଓ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ ବିଜୟ ଗୋଏଲ, ରାଜେନ୍ଦ୍ରନାଥ ଦାସ, ଏଚ୍.ଏନ ଚକ୍ରବର୍ତ୍ତୀ, ମୁରଲୀ କ୍ରିଷ୍ଣା, ପ୍ରେମ ଚାନ୍ଦଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।


ସୋଲାର ପ୍ରକଳ୍ପ ନିକଟରେ ଉପସ୍ଥିତ କମ୍ପାନୀ ଅଧିକାରୀମାନଙ୍କ ସମେତ ଅନ୍ୟମାନେ।

## କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

**ବଇଣ୍ଡା,୨୩।୩(ଡି.ଏନ.ଏ)**

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର କ୍ୟାରିଅର କାଉନସେଲିଂ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଇଣ୍ଡା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇ କିଭଳି ଛାତ୍ରୀଛାତ୍ରମାନେ ଯୁକ୍ତ ୩ ପରେ ନିଜ ଭାବିଷ୍ୟତ ଗଠନ କରି ପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ କାଳନ୍ଦୀଚରଣ ପ୍ରଧାନ, ନିରଞ୍ଜନ ଦାସ, ଚନ୍ଦ୍ରଶେଖର ସିଂ, ଶୁଭ୍ରଶ୍ରୀ ପ୍ରଧାନ, ସୁମିତ୍ରା ସାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୭୦ ଜଣ ଛାତ୍ରୀ, ୩୦ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କ ସମେତ ଅନ୍ୟମାନେ।

## ‘ନୂଆ ଦିଗ ଦେଖାଇଥିଲେ ଗାନ୍ଧିଜୀ’

**ଢେଙ୍କାନାଳ ଅଫିସ,୨୩।୩**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୁଧବାର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ଜିଲାପାଳ ସରୋଜ କୁମାର ସେଠୀ ମାଲ୍ୟାର୍ପଣ କରି କହିଲେ, ସ୍ୱାଧୀନ ଭାରତବର୍ଷର ପରିକଳ୍ପନା କରି ଗାନ୍ଧିଜୀ ଭାରତବାସୀଙ୍କୁ ଏକ ନୂତନ ଦିଗ ଦେଖାଇ ପାରିଥିଲେ। ତାଙ୍କ ସରଳ ଜୀବନଶୈଳୀ ଓ ସ୍ୱଦେଶ ପ୍ରୀତି ଜନଜାଗରଣରେ ଗଭୀର ପ୍ରଭାବ ପକାଇ ପାରିଥିଲା। ଜିଲା କଳା ସଂସ୍କୃତି ସଂଘ ସଂଯୋଜକ ଅବନୀ କୁମାର ମିଶ୍ର ଗାନ୍ଧୀଜୀଙ୍କ ଓଡ଼ିଶା ଆଗମନର ସ୍ମୃତିଚାରଣ କରିବା ସହ ଅନ୍ୟାୟ ବିରୋଧରେ ଜନଜାଗରଣ ସୃଷ୍ଟି ପାଇଁ ଗାନ୍ଧିଜୀ ଓଡ଼ିଶାକୁ ୮ ଥର ଆସି ୬୯ଦିନ ରହିଥିଲେ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏଏସ୍ ପ୍ରୋବେସନର ବିଭୂତି ଭୂଷଣ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝି, ନିଜାରତ ଅଧିକାରୀ ଭଜନାନନ୍ଦ ସାହୁ, ଡେପୁଟି କଲେକ୍ଟର ସ୍ମୃତିରଞ୍ଜନ ମହାପାତ୍ର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା, ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଭଗବାନ ଗୁରୁଙ୍କ ସମେତ ବିଭାଗୀୟ ଅଧିକାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାରଦା ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।


ଗାନ୍ଧୀଜୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ପାଳନ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

# ଗ୍ୟାସ୍ ଦୁର୍ଘଟଣା ମୁକାବିଲା ମକ୍‌ଡ୍ରିଲ୍

**ଢେଙ୍କାନାଳ ଅଫିସ,୨୩।୩**

ଶିଳ୍ପାନୁଷ୍ଠାନଗୁଡିକୁ ରାସାୟନିକ ଗ୍ୟାସ୍ ପରିବହନ ସମୟରେ ରାସ୍ତାରେ ଘଟୁଥିବା ଦୁର୍ଘଟଣା ଯୋଗୁ ଧନଜୀବନର କ୍ଷୟକ୍ଷତି ହୋଇଥାଏ। ଏଭଳି ଦୁର୍ଘଟଣାର ମୁକାବିଲା ପାଇଁ ଢେଙ୍କାନାଳ ସହରସ୍ଥିତ ମହିଷାପାଟ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ପଡିଆଠାରେ ବୁଧବାର ପୂର୍ବାହ୍ନରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଥିଲେ, ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ। ଏଣୁ ଏଭଳି ଦୁର୍ଘଟଣାରେ ସାଧାରଣଙ୍କ ଜୀବନ ଧନହାନିର ଯଥେଷ୍ଟ ସମ୍ଭାବନା ଥିବାରୁ ଅଗ୍ନିଶମ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ଆପାତକାଳୀନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକରି ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍‌କୁ ସହଯୋଗ କଲେ ପୀଡିତଙ୍କ ଜୀବନ ରକ୍ଷା ହୋଇପାରିବ। ଏଥିପାଇଁ ପ୍ରସ୍ତୁତ ରହି ପ୍ରତିକାର ବ୍ୟବସ୍ଥା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣଙ୍କ ଅମୂଲ୍ୟ ଜୀବନ ରକ୍ଷା କରାଯାଇପାରିବ ବୋଲି ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ ମତବ୍ୟକ୍ତ କରିଥିଲେ। ଏନ୍‌ଡିଆର୍‌ଏଫ୍ କଟକ ଟିମ୍ ଲିଡର ଉଦୟ ଶଙ୍କର ପ୍ରସାଦ ଦୁର୍ଘଟଣାରୁ କିଭଳି ଧନଜୀବନ ରକ୍ଷା କରାଯିବ ସେ ସମ୍ପର୍କରେ ବୁଝାଇଥିଲେ। ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଓସଡମା ଡିପିଓ ନିମାଇଁ ଚରଣ ଦାସ ସଂଯୋଜନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝି, ଜିଲା ରେଡକ୍ରସ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣିଙ୍କ ସମେତ ଓଡ୍ରାଫ୍ଟ, ଏନ୍‌ଡିଆରଏଫ୍ ଓ ସିଭିଲ ଡିଫେନ୍ସ ସଦସ୍ୟ, ବିଭାଗୀୟ ଅଧିକାରୀ ଓ ସମସ୍ତ ଶିଳ୍ପାନୁଷ୍ଠାନ ଅଧିକାରୀ ଯୋଗ ଦେଇଥିଲେ ।


ରାସାୟନିକ ଗ୍ୟାସ୍ ଦୁର୍ଘଟଣା ମୁକାବିଲା ପାଇଁ ମକ୍‌ଡ୍ରିଲ୍ କରାଯାଉଛି।

**ସଂକ୍ଷେପରେ**

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବଇଣ୍ଡା,୨୩।୩(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଠାକୁରଗଡ଼ ଥାନା ଅଞ୍ଚଳର ବିଜୟ୍ କୁମାର ବେହେରା ବଳାତ୍କାର କରିଥିବା ଠାକୁରଗଡ଼ ଥାନାରେ ବୁଧବାର ଅଭିଯୋଗ ହୋଇଛି। ପୋଲିସ ନଂ. ୮୪/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଅଭିଯୁକ୍ତ ବିଜୟ୍ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବାବେଳେ ସମ୍ପୃକ୍ତା ନାବାଳିକା ଲେବର ଭାବେ କାର୍ଯ୍ୟ କରୁଥିଲେ। ପେଡିପଥର ଗ୍ରାମରେ ଯାତ୍ରା ଦେଖିବାକୁ ନାବାଳିକାଙ୍କୁ ବିଜୟ୍ ତାଙ୍କ ଘରୁ ଡାକି ଆଣିଥିବାବେଳେ ଏକ ନିଛାଟିଆ ଅଞ୍ଚଳରେ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ଶହୀଦଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ

**ଛେଣ୍ଡିପଦା,୨୩।୩(ସ୍ୱ.ପ୍ର):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ତୁକୁଡ଼ା ଗ୍ରାମରେ ଥିବା ରାଜସଂସ୍କାର କମିଟି ପକ୍ଷରୁ ଆତ୍ମଗୀତ ଆଶ୍ରମଠାରେ ମହାନ କ୍ରାନ୍ତିକାରୀ ବିପ୍ଳବୀ ଭଗତ ସିଂଙ୍କ ଶହୀଦ ଦିବସ ପାଳିତ ହୋଇଛି। ଏଥିରେ ଭଗତ ସିଂଙ୍କ ଦେଶ ପ୍ରେମ ଓ ତାଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରାଯାଇଥିଲା। ଭଗତ ସିଂ ନିଜର ସ୍ୱାର୍ଥ, ସୁଖ, ସ୍ୱାଚ୍ଛନ୍ଦକୁ ପଛରେ ପକାଇ ମାତ୍ର ୨୩ ବର୍ଷ ବୟସରେ ଫାଶୀକୁ ଆଦରି ଶହୀଦ ହୋଇଥିଲେ। ଆଜିର ଯୁବ ସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶର ବିକାଶ ହୋଇପାରିବ ବୋଲି ରାଜସଂସ୍କାର କମିଟି ସଭାପତି ରବୀନ୍ଦ୍ର ସାହୁ ପ୍ରକାଶ କରିଥିଲେ। ବାପୁଜୀ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଚନ୍ଦନ ବାରିକ, ରାକେଶ ଦେହୁରୀ, ସିଡୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଛୁରାମାଡ଼ରେ ଯୁବକ ଆହତ

**ଛେଣ୍ଡିପଦା,୨୩।୩(ସ୍ୱ.ପ୍ର):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କଣଲୋଇ ଗ୍ରାମର ପ୍ରାଣବନ୍ଧୁ ବେହେରାଙ୍କ ଛୁରା ମାଡ଼ରେ ସେହି ଗ୍ରାମର ମନୋରଞ୍ଜନ ଦେହୁରୀ(୨୦)ଆହତ ହୋଇଛନ୍ତି। ଏ ନେଇ ମନୋରଞ୍ଜନଙ୍କ ମା' ସରସ୍ୱତୀ ବାଗଡିଆ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ମଙ୍ଗଳବାର ସନ୍ଧ୍ୟାରେ ସରସ୍ୱତୀ ତାଙ୍କ ଦୋକାନରେ ଥିଲେ। ଏହି ସମୟରେ ପ୍ରାଣବନ୍ଧୁ ସରସ୍ୱତୀଙ୍କୁ ଏକ ଛୁରି ଦେଖାଇ ଦୋକାନରେ ଥିବା ୫ ହଜାର ଟଙ୍କା ନେଇ ଫେରାର ହେବାକୁ ଉଦ୍ୟମ କଲାବେଳେ ମନୋରଞ୍ଜନ ପହଞ୍ଚି ପ୍ରାଣବନ୍ଧୁଙ୍କୁ କାବୁ କରିଥିଲେ। ପ୍ରାଣବନ୍ଧୁ ଧରିଥିବା ଛୁରିରେ ମନୋରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଏଟିଏମ୍‌ରୁ ଲୁଟ୍ ଉଦ୍ୟମ

**ବଇଣ୍ଡା,୨୩।୩(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ଥାନା ବାମୁରଠାରେ ଥିବା ଇକୋ ବ୍ୟାଙ୍କ ଏଟିଏମ୍‌ରୁ ମଙ୍ଗଳବାର ରାତିରେ ଲୁଟ ଉଦ୍ୟମ ହୋଇଛି। ଏ ନେଇ ବ୍ୟାଙ୍କ ଶାଖା ପରିଚାଳକ ଛନ୍ଦା ଚରଣ ସାହୁ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ବାମୁରଠାରେ ଥିବା ଇକୋ ବ୍ୟାଙ୍କ ଏଟିଏମ ନିକଟରେ ମଙ୍ଗଳବାର ରାତିରେ ୨ ଜଣ ହୋମଗାର୍ଡ ଜଗିଥିଲେ। ଏକ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ଆସି ଟଙ୍କା ଉଠାଇବା ପାଇଁ କହିଥିଲେ। ପରେ ହୋମଗାର୍ଡଙ୍କୁ ବନ୍ଧୁକ ଦେଖାଇ ଏଟିଏମ ଭାଙ୍ଗିଥିଲେ। ହେଲେ ଟଙ୍କା ନ ଥିବାରୁ କିଛି ନ ପାଇ ଫେରାର ହୋଇଯାଇଥିଲେ।

## ଜଳ ସମ୍ପଦର ସଂରକ୍ଷଣ ପରାମର୍ଶ

**ଢେଙ୍କାନାଳ ଅଫିସ,୨୩।୩:** ଢେଙ୍କାନାଳ ପୌରାଞ୍ଚଳ ୨ନଂ ୱାର୍ଡସ୍ଥିତ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଶ୍ୱ ଜଳଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ର ପୌରୋହିତ୍ୟ କରି ଜଳ ହିଁ ଜୀବନ ଉପରେ ନିଜର ଚିନ୍ତାଧାରା ବ୍ୟକ୍ତ କରି ଜଳ ସମ୍ପଦର ସଂରକ୍ଷଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସରଳା ସାହୁ ଜଳର ଉପଯୁକ୍ତ ବିନିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ଅଶୋକ କୁମାର ପ୍ରଧାନ ପ୍ରଦୂଷିତ ଜଳକୁ କିପରି ବିଶୁଦ୍ଧ କରି ବିଭିନ୍ନ କାର୍ଯ୍ୟ ବ୍ୟବହାର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାହୁଲ କୁମାର ନାଥ, ରାଇମୋହନ ପୂର୍ତ୍ତି, କୃଷ୍ଣକୁମାର ବେହେରା, ଶ୍ରାବଣୀ ହେହୁରୀ ଜଳ ସମ୍ପଦର ସୁପରିଚାଳନା ଉପରେ ବକ୍ତୃତା ପ୍ରଦାନ କରି ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ କବିତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ୮୭ ପ୍ରାର୍ଥୀଙ୍କ ହେବ ଭାଗ୍ୟ ନିର୍ଦ୍ଧାରଣ

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର,୨୩।୩**

ଢେଙ୍କାନାଳ ପୌର ପରିଷଦର ଅଧ୍ୟକ୍ଷ ଓ ୨୩ କାଉନସିଲର ପଦବୀ ପାଇଁ ପ୍ରାର୍ଥୀ ହୋଇଥିବା ମୋଟ୍ ୮୭ଜଣଙ୍କ ଭାଗ୍ୟ ନିର୍ଦ୍ଧାରଣ ଗୁରୁବାର ହେବ। ଏଥିପାଇଁ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ କରାଯିବ। ବୁଧବାର ଅପରାହ୍ନ ସୁଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ପୋଲିଂ

- ■ଢେଙ୍କାନାଳ ପୌରାଞ୍ଚଳରେ ୫୧,୧୬୧ ଭୋଟର
- ■୨୩ ୱାର୍ଡରେ କରାଯାଇଛି ୫୩ ବୁଥ୍
- ■୧୯ ଉତ୍ତେଜନାପ୍ରବଣ, ୪ ଅତି ଉତ୍ତେଜନାପ୍ରବଣ

ପାର୍ଟିମାନେ ସମସ୍ତ ୨୩ଟି ୱାର୍ଡର ୫୩ଟି ବୁଥ୍‌ରେ ପହଞ୍ଚି ସାରିଛନ୍ତି। ପୌରାଞ୍ଚଳର ୫୧ ହଜାର ୧୬୧ ଭୋଟର ସେମାନଙ୍କ ପାଇଁ ନିର୍ଦ୍ଧାରିତ ହୋଇଥିବା ବୁଥ୍‌ରେ ମତ ସାବ୍ୟସ୍ତ କରିବେ। ମୋଟ୍ ୫୩ଟି ବୁଥ୍ ମଧ୍ୟରୁ ୧୯ଟି ଉତ୍ତେଜନାପ୍ରବଣ ଓ ୪ଟି ଅତି ଉତ୍ତେଜନାପ୍ରବଣ ବୁଥ୍ ବୋଲି ଜଣାପଡ଼ିଛି। ୧୯ନଂ ୱାର୍ଡ ସିମିଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ଟି ବୁଥ୍ ଏବଂ ୧୭ନଂ ୱାର୍ଡ ବାପୁଜୀ ପ୍ରାଥମିକ ବିଦ୍ୟାଳୟର ୨ଟି ବୁଥ୍ ଅତି ଉତ୍ତେଜନାପ୍ରବଣ ଚିହ୍ନଟ ହୋଇଛି। ସେହିପରି କୁଞ୍ଜକାନ୍ତ ପ୍ରାଥମିକ ବିଦ୍ୟାଳୟରେ ଥିବା ୨ନଂ ୱାର୍ଡର ୪ନଂ ଓ ୩ନଂ ୱାର୍ଡର ୫ ଓ ୬ନଂ ବୁଥ୍ ଆଦର୍ଶ ବୁଥ୍ ଭାବେ ଘୋଷଣା କରାଯାଇଛି। ଏଠାରେ ଭୋଟରଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇଛି। ବିଶେଷକରି ଯୁବ ଭୋଟରଙ୍କୁ ଆକର୍ଷଣ କରିବା ପାଇଁ ସେଲଫି ପଏଣ୍ଟ ହୋଇଛି। ସେହିପରି ୪ନଂ ୱାର୍ଡର ଜର୍ଜ ପ୍ରାଥମିକ ବିଦ୍ୟାଳୟରେ ଥିବା ୭, ୮, ୯ ନଂ. ବୁଥକୁ ପିଙ୍କ୍ ବୁଥ୍ କରାଯାଇଛି। ପ୍ରତି ବୁଥ୍‌ରେ ଜଣେ ପ୍ରିଜାଇଡିଂ ଓ ୪ଜଣ ପୋଲିଂ ଅଫିସର ଏବଂ ଜଣେ କନଷ୍ଟେବଳ ରହିବେ। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ନିର୍ବାହୀ ମାଜିଷ୍ଟ୍ରେଟ୍ ଓ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, ପୌର ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ସମାପନ କରିବା ପାଇଁ ଆବଶ୍ୟକ ପୋଲିସ ମୁତୟନ କରାଯାଇଛି। ଉତ୍ତେଜନାପ୍ରବଣ ଓ ଅତି ଉତ୍ତେଜନାପ୍ରବଣ ବୁଥ୍‌ରେ ଅଧିକ ପୋଲିସ ବ୍ୟବସ୍ଥା କରାଯାଇଛି। ମହିଳ ସଶକ୍ତୀକରଣ ପାଇଁ ପିଙ୍କ୍ ବୁଥ ଓ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଆଦର୍ଶ ବୁଥ୍ କରାଯାଇଛି। ସେହିପରି କାମାକ୍ଷାନଗର ଏନ୍‌ଏସିର ୧୫ଟି ୱାର୍ଡ ପାଇଁ ମୋଟ୍ ୧୬ଟି ବୁଥ୍ କରାଯାଇଛି। ପ୍ରତି ବୁଥ୍‌ରେ ପୋଲିଂ ଓ ପ୍ରିଜାଇଡିଂ ଅଫିସର ପହଞ୍ଚିସାରିଥିବା ବେଳେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଅତିରିକ୍ତ ତହସିଲଦାର ରହିଥିବା ସୂଚନା ମିଳିଛି।


ପୋଲିଂ ପାର୍ଟି ବୁଥ ଅଭିମୁଖେ ଯାଉଛନ୍ତି।

## ଭୁବନରେ ୧୮ ବୁଥ୍

**ଭୁବନ, ୨୩।୩ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ଅଧ୍ୟକ୍ଷ ଓ ୧୫ କାଉନସିଲର ପଦବୀ ପାଇଁ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ମୋଟ୍ ୧୮ଟି ବୁଥ୍ କରାଯାଇଥିବା ବେଳେ ବୁଧବାର ସମସ୍ତ ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚି ପ୍ରସ୍ତୁତି ଶେଷ କରିଛନ୍ତି। ୧୫ ୱାର୍ଡରେ ମୋଟ୍ ୧୮ ହଜାର ୩୮୯ ଭୋଟର ସେମାନଙ୍କ ମତଦାନ କରିବେ। ସେଥିରୁ ୮୮୨୦ ମହିଳା ଓ ୯୫୬୮ ଜଣ ପୁରୁଷ ଭୋଟର ରହିଛନ୍ତି। ୧, ୨, ୩ ୱାର୍ଡରେ ୨ଟି ଲେଖାଏ ବୁଥ୍ କରାଯାଇଛି । ଭୁବନ ତହସିଲଦାର ରୋସାଲିନ ବେହେରା ପ୍ରତ୍ୟେକ କେନ୍ଦ୍ର ପରିଦର୍ଶନ କରିଛନ୍ତି।

# ଆଜି ନେତା ବାଛିବେ ସହରାଞ୍ଚଳ ଭୋଟର

**ଅନୁଗୋଳ ଅଫିସ/ ତାଳଚେର/ ବଇଣ୍ଡା,୯।୩**

ଅନୁଗୋଳ ଜିଲାର ଅନୁଗୋଳ ଓ ତାଳଚେର ପୌର ପରିଷଦ ଏବଂ ଆଠମଲ୍ଲିକ ଏନ୍‌ଏସି ପାଇଁ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହେବ। ଏହି ୩ ସହରାଞ୍ଚଳରେ ମୋଟ୍ ୨୦୪ ପ୍ରାର୍ଥୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ଉପଯୁକ୍ତ ନେତାଙ୍କୁ ନିର୍ବାଚିତ କରିବେ ସହରାଞ୍ଚଳ ଭୋଟର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଠାରେ ହୋଇଥିବା ମୋଟ ୮୪ ବୁଥ୍‌ରେ ବୁଧବାର ସନ୍ଧ୍ୟା ସୁଦ୍ଧା ପୋଲିଂ ଓ ପ୍ରିଜାଇଡିଂ ଅଫିସର ପହଞ୍ଚି ସାରିଛନ୍ତି। ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି।

ଅନୁଗୋଳ ପୌରପାଳିକାରେ ରହିଛି ୨୩ଟି ୱାର୍ଡ। ଏହି ପୌର ସଂସ୍ଥାର ଅଧ୍ୟକ୍ଷ ପଦବୀ ପାଇଁ ମୋଟ୍ ୮ଜଣ ଏବଂ ୨୩ କାଉନସିଲର ପଦବୀ ପାଇଁ ୭୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଠାରେ ୩୪ ହଜାର ୨୯୩ ଭୋଟର ଥିବାରୁ ୪୦ଟି ବୁଥ୍ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ୩ଟି ପିଙ୍କ୍ ଓ ୩ ମଡେଲ୍ ବୁଥ୍ ରହିଛି।

- ■ଅନୁଗୋଳ ପୌର ପରିଷଦ ପାଇଁ ୮୩ ପ୍ରାର୍ଥୀ
- ■ତାଳଚେର ପୌର ପରିଷଦ ପାଇଁ ୭୬ ପ୍ରାର୍ଥୀ
- ■ଆଠମଲ୍ଲିକ ଏନ୍‌ଏସି ପାଇଁ ଅଛନ୍ତି ୪୫

ସେହିପରି ତାଳଚେର ପୌରପାଳିକାର ଅଧ୍ୟକ୍ଷ ପଦ ପାଇଁ ୭ ଜଣ ଓ ୨୧ କାଉନସିଲର ପଦବୀ ପାଇଁ ମୋଟ୍ ୬୯ ପ୍ରାର୍ଥୀ ରହିଛନ୍ତି। ମୋଟ୍ ଭୋଟର ସଂଖ୍ୟା ୨୮ ହଜାର ୪୮୧ ହୋଇଥିବା ବେଳେ, ତନ୍ମଧ୍ୟରେ ୧୪ ହଜାର ୫୯୪ ପୁରୁଷ ଏବଂ ୧୩ ହଜାର ୮୮୬ ଜଣ ମହିଳା ଭୋଟର ରହିଛନ୍ତି। ନିର୍ବାଚନକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ଜରିଆରେ ସଚେତନ କରାଯିବା ସହ ବିଭିନ୍ନ ସମ୍ବେଦନଶୀଳ ବୁଥ୍ ପ୍ରତି ତୀକ୍ଷ୍ଣ ନଜର ରଖାଯାଇଛି। ମୋଟ୍ ୩୨ଟି ବୁଥ୍ ସ୍ଥାପନ କରାଯାଇଛି। ପ୍ରତ୍ୟେକ ବୁଥ୍ ପାଇଁ ୫ଜଣ ପୋଲିଂ ଏବଂ ଜଣେ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେହିପରି ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ପଦ ପାଇଁ ୫ଜଣ ଓ ୧୧ କାଉନସିଲର ପଦ ପାଇଁ ୪୦ ପ୍ରାର୍ଥୀ ରହିଛନ୍ତି। ଏଠାରେ ୧୨ଟି ବୁଥ୍ କରାଯାଇଥିବା ବେଳେ ସେଥିରୁ ୬ଟି ବୁଥ୍ ଉତ୍ତେଜନା ପ୍ରବଣ ଚିହ୍ନଟ ହୋଇଛି। ୨ ଜଣ ମାଜିଷ୍ଟ୍ରେଟ ନିୟୋଜିତ ହୋଇଥିବା ବେଳେ ଜଣେ ଅତିରିକ୍ତ ଏସପି, ସମସ୍ତ ବୁଥରେ ଜଣେ ଲେଖାଏ ଅଫିସର, ୨ଟି ମୋବାଇଲ ସ୍କ୍ୱାଡ୍ ଗଠନ କରାଯାଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପ୍ରିଜାଇଡିଂ ଅଫିସର ଭୋଟ ଗ୍ରହଣ ସାମଗ୍ରୀ ସହ କେନ୍ଦ୍ରରେ ପହଞ୍ଚିଛନ୍ତି। ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ନିର୍ବାଚନ ଅଧିକାରୀ ତଥା ଆଠମଲ୍ଲିକ ତହସିଲଦାର ସୋଫି ସାଇନିକା କହିଛନ୍ତି। ସମସ୍ତ ବୁଥରେ ଯେପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବ ସେ ନେଇ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଆଠମଲ୍ଲିକ ଏସଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି।

## ୧୬୩ ମିଲିୟନ ଟନ୍ ଉତ୍ପାଦନ ଲକ୍ଷ୍ୟ ହାସଲ

**ତାଳଚେର, ୨୩।୩(ଡି.ଏନ.ଏ.)**

ମହାନଦୀ କୋଲ୍ ଫିଲ୍ଡସ ଲିଃ (ଏମ୍‌ସିଏଲ୍) ଚଳିତ ଆର୍ଥିକ ବର୍ଷରେ ୧୬୩ ମିଲିୟନ ଟନ୍ କୋଇଲା ଉତ୍ପାଦନର ଧାର୍ଯ୍ୟ ଲକ୍ଷ୍ୟକୁ ସଫଳତାର ସହ ପୂରଣ କରିଛି। କୋଲ୍ ଇଣ୍ଡିଆ ଏକ ପ୍ରମୁଖ ଅଂଶୀଦାର କମ୍ପାନୀ ଏମ୍‌ସିଏଲ୍ ମଙ୍ଗଳବାର ଏହି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ଅବଶିଷ୍ଟ ୯ ଦିନ ମଧ୍ୟରେ ଉତ୍ପାଦନକୁ ସର୍ବାଧିକ କରିବା ପାଇଁ ନୂତନ ପ୍ରୟାସ ସହ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବାକୁ ସ୍ଥିର କରିଛି। ଏହି ସଫଳତା ନିମନ୍ତେ କମ୍ପାନୀର ସମସ୍ତ ପଦାଧିକାରୀ ଏବଂ କର୍ମଚାରୀଙ୍କୁ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂହ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟାଳୟ ଏବଂ କୋଇଲାଖଣି କ୍ଷେତ୍ରଗୁଡ଼ିକରେ ଥିବା ସକ୍ରିୟ ନେତୃତ୍ୱକୁ ସିଏମ୍‌ଡି ପ୍ରଶଂସା କରିବା ସହ ବିଭିନ୍ନ ଟିମ୍ ମଧ୍ୟରେ ଉତ୍କୃଷ୍ଟ ଦଳଗତ କାର୍ଯ୍ୟ ଏବଂ ସମନ୍ୱୟର ଫଳ କମ୍ପାନୀକୁ ଏହି ସଫଳତା ଆଣିଦେଇଛି ବୋଲି କହିଛନ୍ତି। ରବିବାର କମ୍ପାନୀ ୨ଶହ ମିଲିୟନ କ୍ୟୁବିକ୍ ମିଟର ଓଭର ବର୍ଡନ ଅପସାରଣ ଲକ୍ଷ୍ୟ ହାସଲ କରିଛି, ଯାହାକି ପରବର୍ତ୍ତୀ ଆର୍ଥିକ ବର୍ଷରେ ଜୀବାଶ୍ମ ଇନ୍ଧନର ଚାହିଦାକୁ ପୂରଣ କରିବାପାଇଁ କୋଇଲା ଉତ୍ପାଦନରେ କ୍ରମାଗତ ବୃଦ୍ଧିକୁ ସୁଦୃଢ଼ କରିଛି।

# ଦାୟିତ୍ୱ ନେଲେ ବ୍ଲକ ଅଧ୍ୟକ୍ଷା

**ବଇଣ୍ଡା,୨୩।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଧ୍ୟକ୍ଷା ଭାବେ ବୁଧବାର ଶୈରେନ୍ଦ୍ରୀ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସକାଳେ ବ୍ଲକ ଅଧ୍ୟକ୍ଷା କାର୍ଯ୍ୟାଳୟଠାରେ ହୋମଯଜ୍ଞ ସହ ପୂଜାପାଠ କରିବା ପରେ କିଶୋରନଗର ବିଡିଓ ଡ. ସ୍ୱରୂପାନନ୍ଦ ସାହୁଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଆୟୋଜିତ ସଭାରେ ଶୈରେନ୍ଦ୍ରୀ ଯୋଗଦେଇ କିଶୋରନଗର ବ୍ଲକରେ ଥିବା ସମସ୍ତ ଗ୍ରାମର କିପରି ବିକାଶ ହେବ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ, ସରୋଜ ରାଉଳ, ତପନ ପ୍ରଧାନ, କେଦାରନାଥ ମାଝି, ସୁଦାମ ସାହୁ, ଦିଲୀପ ଆଚାର୍ଯ୍ୟ, ଲକ୍ଷ୍ମୀଧର ପ୍ରଧାନ, ସୁରେଶ ଚନ୍ଦ୍ର ରାଉତ, ସୁରେଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


କିଶୋରନଗର ବ୍ଲକ ଅଧ୍ୟକ୍ଷା ଦାୟିତ୍ୱଗ୍ରହଣ କରୁଛନ୍ତି।

## ହିନ୍ଦୋଳ ଓକିଲ ସଂଘ ବିଜୟୀ

**ହିନ୍ଦୋଳ,୨୩।୩(ଡି.ଏନ.ଏ.)**

ହିନ୍ଦୋଳ ଉପଖଣ୍ଡସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚରେ ବୁଧବାର ହିନ୍ଦୋଳ ପ୍ରଶାସନକୁ ହରାଇ ହିନ୍ଦୋଳ ଓକିଲ ସଂଘ ବିଜୟୀ ହୋଇଛି। ହିନ୍ଦୋଳ ଓକିଲ ସଂଘ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୬୪ ରନ୍ କରିଥିଲା। ଜବାବରେ ହିନ୍ଦୋଳ ପ୍ରଶାସନ ଆବଶ୍ୟକ ରନ ନ କରିପାରି ପରାସ୍ତ ହୋଇଥିଲା। ବିଶ୍ୱଜିତ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଢେଙ୍କାନାଳ: ୩ ବ୍ଲକରେ ପ୍ରତିଦ୍ୱନ୍ଦ୍ୱିତା

**ଢେଙ୍କାନାଳ ଅଫିସ,୨୩।୩**

ଢେଙ୍କାନାଳ ଜିଲାରେ ବୁଧବାର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜିଲାର ୮ ବ୍ଲକ ମଧ୍ୟରୁ ୫ଟିରେ ଉପାଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ୩ଟି ବ୍ଲକରେ ଭୋଟ ଗ୍ରହଣ କରାଯାଇଥିଲା।

ଜିଲାର ସଦର, ଗଁଦିଆ, ଓଡାପଡା, କାମାକ୍ଷାନଗର ଓ ଭୁବନ ବ୍ଲକ ଉପାଧ୍ୟକ୍ଷ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ସେଠାରେ ଭୋଟଗ୍ରହଣର ଆବଶ୍ୟକତା ପଡ଼ି ନ ଥିଲା। ସଦର ବ୍ଲକରେ ଚାଉଳିଆ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ କାଳନ୍ଦୀ ବାରିକ ନିର୍ଦ୍ୱନ୍ଦ୍ୱରେ ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସେହିପରି ଗଁଦିଆ ବ୍ଲକରେ ନେଉଳପୋଇ ପଞ୍ଚାୟତ ସମିତି ସଭ୍ୟା ମମତା ସାମଲ, ଓଡାପଡା ବ୍ଲକରେ ବଳରାମ ପ୍ରସାଦ ପଞ୍ଚାୟତ ସମିତି ସଭ୍ୟ ଅମିତାବ ସ୍ୱାଇଁ, କାମାକ୍ଷାନଗର ବ୍ଲକରେ କୁସୁମଯୋଡି ପଞ୍ଚାୟତ ସମିତି ସଭ୍ୟା ରଞ୍ଜିତା ବିଶ୍ୱାଳ, ଭୁବନ ବ୍ଲକରେ ଏକତାଳି ପଞ୍ଚାୟତର ସମିତି ସଭ୍ୟା ସରୋଜିନୀ ଦ୍ୱିବେଦୀ ଉପାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ହିନ୍ଦୋଳ, କଙ୍କଡ଼ାହାଡ଼ ଓ ପରଜଙ୍ଗ ବ୍ଲକରେ ଉପାଧ୍ୟକ୍ଷ ପଦବୀ ପାଇଁ ଭୋଟ ଗ୍ରହଣ ହୋଇଥିଲା। ହିନ୍ଦୋଳ ବ୍ଲକରେ ପୂର୍ବତନ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ ଏବଂ କଳିଙ୍ଗା ପଞ୍ଚାୟତ ସମିତି ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ବରୁଣ ସରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମାହୁନ୍ତଙ୍କୁ ୧୭ଟି ଭୋଟ ମିଳିଥିବାବେଳେ ବରୁଣ ୧୮ ଖଣ୍ଡ ଭୋଟ ପାଇ ଉପାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। କଙ୍କଡ଼ାହାଡ଼ ବ୍ଲକ ଉପାଧ୍ୟକ୍ଷା ପଦବୀ ନିମନ୍ତେ ଭୋଟ ନିଆଯାଇଥିଲା। କଙ୍କଡାହାଡ଼ ସମିତି ସଭ୍ୟା ଦୀପା ସାହୁ ଓ କୁଟୁରିଆ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଦୀପାଙ୍କ ସପକ୍ଷରେ ୧୩ଟି ଭୋଟ ପଡ଼ିଥିବାବେଳେ ଲକ୍ଷ୍ମୀପ୍ରିୟାଙ୍କ ସପକ୍ଷରେ ୮ଟି ଭୋଟ ପଡ଼ିଥିଲା। ଫଳରେ ଦୀପା ସାହୁ ଉପାଧ୍ୟକ୍ଷା ନିର୍ବାଚିତ ହୋଇଥିଲେ। ପରଜଙ୍ଗ ବ୍ଲକ ଉପାଧ୍ୟକ୍ଷା ପଦବୀ ପାଇଁ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ରେଣ୍ଟାପାଟ ପଞ୍ଚାୟତ ସମିତି ସଭ୍ୟା ଯଶସ୍ୱିନୀ ରାଉତ ଓ ମୁକ୍ତାପଶି ପଞ୍ଚାୟତ ସମିତି ସଭ୍ୟ ବାବୁଲା ବିଶ୍ୱାଳ ନାମାଙ୍କନପତ୍ର ଦାଖଲ କରିଥିଲେ। ଯଶସ୍ୱିନୀଙ୍କୁ ୧୭ଖଣ୍ଡ ଭୋଟ ମିଳିଥିବା ବେଳେ ବାବୁଲାଙ୍କୁ ୧୧ ଖଣ୍ଡ ଭୋଟ ମିଳିଥିଲା। ଫଳରେ ଯଶସ୍ୱିନୀ ରାଉତ ଉପାଧ୍ୟକ୍ଷା ନିର୍ବାଚିତ ହୋଇଥିଲେ।

## ୮ ମଧ୍ୟରୁ ୭ ନିର୍ଦ୍ୱନ୍ଦ୍ୱ

**ଅନୁଗୋଳ ଅଫିସ, ୨୩।୩**

**ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନିର୍ବାଚନ**

ଅନୁଗୋଳ ଜିଲାରେ ବୁଧବାର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନିର୍ବାଚନ ଶେଷ ହୋଇଛି। ମୋଟ ୮ ବ୍ଲକ ମଧ୍ୟରୁ କେବଳ କଣିହାଁକୁ ବାଦ୍ ଦେଲେ ଅନ୍ୟ ୭ ବ୍ଲକ ଉପାଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମସ୍ତ ବ୍ଲକରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିବା ସୂଚନା ମିଳିଛି। ଅନୁଗୋଳ ବ୍ଲକ ଉପାଧ୍ୟକ୍ଷ ଭାବେ ଟାଇଁସି ପଞ୍ଚାୟତ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବଣଁରପାଳ ବ୍ଲକ ଉପାଧ୍ୟକ୍ଷା ଭାବେ ତୁବେ ପଞ୍ଚାୟତ ସମିତି ସଭ୍ୟା ବନିତା ସାହୁ, ପାଲଲହଡ଼ା ବ୍ଲକରେ ପରାଛାଟ ପଞ୍ଚାୟତ ସମିତି ସଭ୍ୟ ମେଘନାଦ କିଷାନ୍, ଛେଣ୍ଡିପଦା ବ୍ଲକରେ ନିଶା ପଞ୍ଚାୟତ ସମିତିସଭ୍ୟା ଝରଣା ସ୍ୱାଇଁ, ଆଠମଲ୍ଲିକ ବ୍ଲକରେ କୁଦଗାଁ ପଞ୍ଚାୟତ ସମିତିସଭ୍ୟା ମମତା ମହାକୁଡ, କିଶୋରନଗର ବ୍ଲକରେ ବାମୁର ପଞ୍ଚାୟତ ସମିତିସଭ୍ୟ ଲବ କୁମାର ପ୍ରଧାନ, ତାଳଚେରରେ କଳମଛୁଇଁ ପଞ୍ଚାୟତ ସମିତି ସଭ୍ୟା ଅଞ୍ଜଳ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ତେବେ କଣିହାଁ ବ୍ଲକରେ ଦୁଇ ପ୍ରାର୍ଥୀ ଥିବାରୁ ଭୋଟଗ୍ରହଣ ହୋଇଥିଲା। ହନୁମାନପୁର ପଞ୍ଚାୟତ ସମିତି ସଭ୍ୟା ନମିତା ସାହୁଙ୍କୁ ୮ଟି ଭୋଟ ମିଳିଥିବା ବେଳେ କଣିହାଁ ପଞ୍ଚାୟତ ସମିତି ସଭ୍ୟା ଜୟନ୍ତୀ ପ୍ରଧାନ ୧୯ ଖଣ୍ଡ ଭୋଟ ପାଇ ଉପାଧ୍ୟକ୍ଷା ଭାବେ ବିଜୟୀ ହୋଇଥିଲେ।

## ପଞ୍ଚାୟତ ସମିତି ଉପାଧ୍ୟକ୍ଷ/ ଉପାଧ୍ୟକ୍ଷା

### ଅନୁଗୋଳ ଜିଲା


ପ୍ରକାଶ ଚନ୍ଦ୍ର ପ୍ରଧାନ
ଅନୁଗୋଳ ବ୍ଲକ


ଜୟନ୍ତୀ ପ୍ରଧାନ
କଣିହାଁ ବ୍ଲକ


ବନିତା ସାହୁ
ବଣଁରପାଳ ବ୍ଲକ


ଝରଣା ସ୍ୱାଇଁ
ଛେଣ୍ଡିପଦା ବ୍ଲକ


ମମତା ମହାକୁଡ଼
ଆଠମଲ୍ଲିକ ବ୍ଲକ


ଅଞ୍ଜଳ ପ୍ରଧାନ
ତାଳଚେର ବ୍ଲକ


ମେଘନାଦ କିଷାନ
ପାଲଲହଡ଼ା ବ୍ଲକ


ଲବ କୁମାର ପ୍ରଧାନ
କିଶୋରନଗର ବ୍ଲକ

### ଢେଙ୍କାନାଳ ଜିଲା


ରଞ୍ଜିତା ବିଶ୍ୱାଳ
କାମାକ୍ଷାନଗର ବ୍ଲକ


ସରୋଜିନୀ ଦ୍ୱିବେଦୀ
ଭୁବନ ବ୍ଲକ


ବରୁଣ ସର
ହିନ୍ଦୋଳ ବ୍ଲକ


ଦୀପା ସାହୁ
କଙ୍କଡ଼ାହାଡ଼ ବ୍ଲକ


ଯଶସ୍ୱିନୀ ରାଉତ
ପରଜଙ୍ଗ ବ୍ଲକ


କାଳନ୍ଦୀ ବାରିକ
ସଦର ବ୍ଲକ


ଅମିତାଭ ସ୍ୱାଇଁ
ଓଡାପଡା ବ୍ଲକ


ମମତା ସାମଲ
ଗଁଦିଆ ବ୍ଲକ

